## ତୈଳବୀଜର ସମୂହ କ୍ଷେତ୍ର ପ୍ରଦର୍ଶନୀ



ଗତ ୨୦୧୬ ଖରିଫ ଋତୁରେ କୃଷିବିଜ୍ଞାନ କେନ୍ଦ୍ର ବରଗଡ଼ ଆନୁକୁଲ୍ୟରେ ଜିଲ୍ଲାର ୧୦ ଗୋଟି ଗ୍ରାମରେ ଚିନାବାଦାମ୍ ଓ ରାଶି ଫସଲର ସମୁହ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏଥି ନିମନ୍ତେ ଚିନାବାଦାମ୍ କିସମ ଦେବୀ ଓ TPG - 41, ରାଶି କିସମ ପ୍ରାଚୀକୁ ବ୍ୟବହାର କରାଯାଇଥିଲା । ସମ୍ପୃକ୍ତ ଚାଷୀମାନଙ୍କ ଜମିରୁ ମୃତ୍ତିକା ସଂଗ୍ରହ ଓ ପରୀକ୍ଷା ପରେ ଆବଶ୍ୟକୀୟ ପରିମାଣର ଖତ ଓ ସାର ପ୍ରୟୋଗ କରାଯାଇଥିଲା । ଅମ୍ଳୀୟ ମାଟିର ଉପଚାର ନିମନ୍ତେ ଏକର ପ୍ରତି Phosphogypsum (Gypmite) ୧ କ୍ୱିଣ୍ଟାଲ ପ୍ରୟୋଗ କରାଯାଇଥିଲା । ଏହି ପ୍ରଦର୍ଶନୀରୁ ଚିନାବାଦାମ୍ କିସମ TPG - 41 ଏକର ପ୍ରତି ୭.୬ କ୍ୱିଣ୍ଟାଲ୍ ଓ ଦେବୀ ୬.୭ କ୍ୱିଣ୍ଟାଲ୍ ଅମଳ ଦେଇଥିଲା । ଯାହାକି ଏକର ପ୍ରତି ଯଥାକ୍ରମେ ଟ.୬୫୦୦ ଓ ଟ.୪୦୦୦ ଅଧିକ ଲାଭ ଦେଇଥିଲା । ଏହି ଉତ୍ପାଦନ ରବି ଋତୁରେ ବ୍ୟବହାର କରାଯାଇ ୫୦ରୁ ଅଧିକ ଗ୍ରାମରେ ବିସ୍ତାର କରିବ । ସେହିଭଳି ରାଶି କିସମ ପ୍ରାଚୀ ଏକରକୁ ହାରାହାରି ୨.୮ କ୍ୱିଣ୍ଟାଲ୍ ଅମଳ ଦେଇଥିଲା । ଯାହାକି ଡିପ ଜମି ମାନଙ୍କରେ ଉପଯୁକ୍ତ ବିନିଯୋଗ କରିଥିଲା ଓ ବର୍ଷା ଉପରେ ନିର୍ଭର କରି ଏହି ଉତ୍ପାଦନ ଆସିଥିଲା । ଏହିପରି ଉତ୍ପାଦନ ଆଗାମୀ ବର୍ଷା ଋତୁରେ ଅଧିକରୁ ଅଧିକ ଡିପ ଜମିରୁ ଆସିବ ବୋଲି ଆଶା କରାଯାଉଅଛି ।

## ବର୍ଷାଋତୁରେ ଡାଲି ଫସଲର ବହୁଳ କ୍ଷେତ୍ର ପ୍ରଦର୍ଶନୀ



ଆମ କେନ୍ଦ୍ର ତରଫରୁ ଓ ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ପ୍ରାୟୋଜିତରେ ବରଗଡ଼ ଜିଲ୍ଲାରେ ବର୍ଷା ଋତୁରେ ଡାଲି ଫସଲର ବହୁଳ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା ।ଏଥି ନିମନ୍ତେ ହରଡ଼ କିସମ ମାରୁତି ଓ ମୁଗ କିସମ IPM-୦୨-୧୪ ବ୍ୟବହାର କରାଯାଇଥିଲା । ଏଥି ପାଇଁ ମଞ୍ଜିକୁ Rhizobium Culture କୁ (୧୦ କିଗ୍ରା ମଞ୍ଜିରେ ୨୦୦ଗ୍ରାମ୍ ହାରରେ) ବିଶୋଧନ କରାଯାଇ ବୁଣା ଯାଇଥିଲା । ଘାସ ଦମନ ପାଇଁ ବୁଣିବାର ୨-୩ ଦିନ ମଧ୍ୟରେ Oxyflurofen ୨୩.୫% EC ଏକର ପ୍ରତି ୮୦ ml ଓ ୨୦-୨୫ ଦିନ ମଧ୍ୟରେ Quizlo-fop-ethyl ୫% EC ୪୦୦ ml ସିଞ୍ଚନ କରାଯାଇଥିଲା । ମୃତ୍ତିକା ପରୀକ୍ଷାପରେ ଆବଶ୍ୟକ ପରିମାଣର ଖତସାର ପ୍ରୟୋଗ କରାଯାଇଥିଲା । ଫସଲକୁ ଫଳ ବିନ୍ଧା ପୋକ ଦାଉରୁ ରକ୍ଷା କରିବା ପାଇଁ Profenophos 50 EC ଏକର ପ୍ରତି ୪୦୦ ml ହାରରେ ୨୦୦ ଲିଟର ଜଳରେ ମିଶାଇ ସିଞ୍ଚନ କରାଯାଇଥିଲା । ମୁଗ ଫସଲ ବୁଣିବାର ୭୦-୮୦ ଦିନ ମଧ୍ୟରେ ଏକର ପ୍ରତି ହାରାହାରି ୨.୭ କ୍ୱିଣ୍ଟାଲ୍ ଅମଳ ଦେଇଥିଲା । ହରଡ଼ ଫସଲ ବର୍ତ୍ତମାନ ଫଳପାକଳ ଅବସ୍ଥାରେ ଅଛି ଓ ଡିସେମ୍ବର ମାସରେ ଅମଳ କରାଯିବ । ଏହି ଫସଲରେ ଏକର ପ୍ରତି ହାରାହାରି ୪-୫ କ୍ୱିଣ୍ଟାଲ୍ ଅମଳ ମିଳିବାର ସମ୍ଭାବନା ଅଛି ।


ସମ୍ପାଦିକା:
କୁମାରୀ ତୃପ୍ତି ଭୋଇ
ବୈଜ୍ଞାନିକା, କୃଷି ସଂପ୍ରସାରଣ

ପ୍ରକାଶକ ଓ ମୁଖ୍ୟ ସମ୍ପାଦିକା
ଶ୍ରୀମତି ସୁଶ୍ରୀତା ସାହୁ
ବରିଷ୍ଠ ବୈଜ୍ଞାନିକା ଓ ମୁଖ୍ୟ

କୃତଜ୍ଞତା
ଶ୍ରୀ ସନତ୍ କୁମାର ମେହେର
କମ୍ପ୍ୟୁଟର କାର୍ଯ୍ୟ ନିର୍ବାହୀ

ସମ୍ପାଦନା ମଣ୍ଡଳୀ
ଶ୍ରୀ ନୃସିଂହ ଚରଣ ବାରିକ
ବୈଜ୍ଞାନିକ, ଶସ୍ୟ ସଂରକ୍ଷଣ
ଶ୍ରୀ ସନତ୍ କୁମାର ମେହେର,
ବୈଜ୍ଞାନିକ, ଉଦ୍ୟାନ କୃଷି
ଶ୍ରୀ ତାରକ୍ ଚନ୍ଦ୍ର ପଣ୍ଡା
ବୈଜ୍ଞାନିକ, କୃଷି ଯାନ୍ତ୍ରୀକ
ରୁକେୟା ବେଗମ୍
ବୈଜ୍ଞାନିକା, ଉଦ୍ଭିଦ ବିଜ୍ଞାନ
ଶ୍ରୀ ଦୀପଙ୍କର ଜେନା
କାର୍ଯ୍ୟ ନିର୍ବାହୀ, ଉଦ୍ଭିଦ ବିଜ୍ଞାନ



ଯୋଗାଯୋଗ : କୃଷି ବିଜ୍ଞାନ କେନ୍ଦ୍ର, ବରଗଡ, ଗମ୍ଭାରୀପାଲି, ପୋ : ଲରମ୍ଭା, ଜିଲ୍ଲା : ବରଗଡ, ଫୋନ : ୦୬୬୮୨-୨୨୫୨୩୮
E-Mail : baragarhkvk@yahoo.com, Web site : www.kvkbargarh.org


Printed at : Kuber Art Press, Bargarh, Mobile No.: 7809292587, Design by : Sanat Kumar Meher, Prog. Asst. Computer, KVK, Bargarh




Krishi Vigyan Kendra
Bargarh
Orissa University of Agriculture & Technology
Bhubaneswar


# ଧନୁଶ୍ରୀ
# Dhanushree


ICAR
କୃଷି ବିଜ୍ଞାନ କେନ୍ଦ୍ର
ବରଗଡ଼
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର

ଦଶମ ବର୍ଷ | ଏପ୍ରିଲ-ସେପ୍ଟେମ୍ବର ୨୦୧୬ | ପ୍ରଥମ ସଂଖ୍ୟା


## ସମ୍ପାଦକୀୟ



ବରଗଡ଼ ଜିଲ୍ଲାର ଅର୍ଥବ୍ୟବସ୍ଥା କୃଷି ଆଧାରିତ ଅଟେ । କୃଷକ ହିଁ ସାରା ଦୁନିଆକୁ ଆହାର ଯୋଗାଇଥାଏ । ଏଣୁ ସରକାର ଚାଷୀର ଆୟ ପାଞ୍ଚ ବର୍ଷ ମଧ୍ୟରେ ଅର୍ଥାତ୍ ୨୦୨୦ ସୁଦ୍ଧା କିଭଳି ଦ୍ୱିଗୁଣିତ ହେବ ସେଥିପାଇଁ ଶତଚେଷ୍ଟିତ । ଏହି ଅଞ୍ଚଳର ଚାଷୀଭାଇ ମାନେ ତଥାକଥିତ ଧାନଚାଷ ସହ ଅନ୍ୟାନ୍ୟ ଅଣଧାନ ଫସଲ ଯଥା ଆଖୁ, କପା, ଚିନାବାଦାମ୍, ଫଳ ଓ ପନିପରିବା ବ୍ୟବସାୟିକ ଭିତ୍ତିରେ କରୁଛନ୍ତି । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର, ଗମ୍ଭାରୀପାଲୀ, ବରଗଡ଼ ସମନ୍ୱିତ କୃଷି ଅର୍ଥାତ୍ କୃଷି ସହିତ ପଶୁପାଳନ, କୁକୁଡ଼ା ପାଳନ, ବତକ ପାଳନ, ମାଛ ଚାଷ, ଲାଖ ଚାଷ, ମହୁମାଛି ପାଳନ ଓ ଛତୁ ଚାଷ ଇତ୍ୟାଦି ଅବଲମ୍ବନ କରିବା ପାଇଁ ଆହ୍ୱାନ ଦେଇଛି ଯଦ୍ୱାରା ସମସ୍ତ ଚାଷୀ ନିଜର ଅଳ୍ପ ଜମି ଓ ପୁଞ୍ଜି ନିବେଶ କରି ଅଧିକ ଲାଭବାନ୍ ହୋଇପାରିବେ ଓ ଚାଷୀର ଅର୍ଥ ଉପାର୍ଜନ ଦ୍ୱିଗୁଣିତ ହେବା ସ୍ୱପ୍ନ ମଧ୍ୟ ପୂରଣ ହୋଇପାରିବ ।

ସୁଶ୍ରୀତା ସାହୁ



"ସ୍ୱଚ୍ଛତା ହିଁ ପବିତ୍ରତା" ଆସନ୍ତୁ ଆମେ ସମସ୍ତେ ମିଶି ଏକ ସୁସ୍ଥ, ସ୍ୱଚ୍ଛ ଓ ସୁନ୍ଦର ଦେଶର ଗଠନ କରିବା ।

ସମ୍ପାଦିକା

## ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକ୍ରମ



ଅପ୍ରେଲ ତା ୦୩/୦୪/୨୦୧୬ ରିଖରେ କୃଷି ବିଜ୍ଞାନ କେନ୍ଦ୍ର, ଗମ୍ଭାରୀପାଲି,ବରଗଡ ଦ୍ୱାରା ଅମ୍ଭାଭୋନା ବ୍ଲକ ଅନ୍ତର୍ଗତ କହ୍ନେଇପାଲି ଗ୍ରାମ ଠାରେ ପ୍ରଧାନମନ୍ତ୍ରୀ ଫସଲ ବୀମାଯୋଜନା ଉପଲକ୍ଷେ ଏକ କୃଷକ ମେଳା ଓ କୃଷି ପ୍ରଦର୍ଶନୀ ଆୟୋଜନ କରା ଯାଇଥିଲା । ଏହି ଦିବସରେ ବରଗଡ଼ ଜିଲ୍ଲାର ମାନ୍ୟବର ସାଂସଦ ଡଃ ପ୍ରଭାସ ସିଂହ ମୁଖ୍ୟ ଅତିଥି ରୂପେ କାର୍ଯ୍ୟକ୍ରମ ର ଶୁଭାରମ୍ଭ କରିଥିଲେ । ପାଖାପାଖି ୧୨ଟି ବ୍ଲକ୍‌ରୁ ୩୫୦ଜଣ ମହିଳା ଓ ପୁରୁଷ ଚାଷୀ ଯୋଗଦାନ କରିଥିଲେ । ଜୈବିକ କୃଷି ଓ ଉତ୍ପାଦ ଉପରେ ପ୍ରଦର୍ଶନୀ ସମସ୍ତଙ୍କ ଦୃଷ୍ଟି ଆକର୍ଷଣର କେନ୍ଦ୍ର ଥିଲା । ଏହି ମେଳାରେ ଚାଷୀଭାଇଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ଉପରେ ସଚେତନ କରାଯାଇଥିଲା ।

## ଅକ୍ଷୟ ତୃତୀୟା ଦିବସ ପାଳନ



କୃଷି ଭିତ୍ତିକ ପର୍ବପାଳନରେ ଆମ ରାଜ୍ୟରେ ବିଶେଷ ଆଗ୍ରହ ଉଦ୍ଦୀପନା ଦେଖାଯାଇଥାଏ । ସେଥିପାଇଁ ବାରମାସରେ ତେର ପର୍ବ ପାଳନ କରୁଥିବା ବିଭିନ୍ନ ପର୍ବପାଳନ ମଧ୍ୟରେ ଅକ୍ଷୟ ତୃତୀୟା ପାଳନର ବିଶେଷ ସ୍ୱତନ୍ତ୍ରତା ରହିଛି । ଅକ୍ଷୟ ତୃତୀୟା ପାଳନ ଉପଲକ୍ଷେ ରାଷ୍ଟ୍ରୀୟ ଧାନ ଗବେଷଣା କେନ୍ଦ୍ର, କଟକ ଠାରେ ତା ୦୯.୦୫.୨୦୧୬ରିଖରେ ଏକ କୃଷକ ମେଳାର ଆୟୋଜନ କରାଯାଇଥିଲା । ଯେଉଁଥିରେ କୃଷି ବିଜ୍ଞାନ କେନ୍ଦ୍ର ଗମ୍ଭାରୀପାଲି, ବରଗଡ଼ ସକ୍ରୀୟ ଅଂଶଗ୍ରହଣ କରିଥିଲା । ଓଲୁଅ, ପାମ୍, ସାପୋଟା, ସପୁରୀ, ଜିଆଖତ ଇତ୍ୟାଦି କୃଷି ବିଜ୍ଞାନ କେନ୍ଦ୍ର, ବରଗଡ଼ ପ୍ରଦର୍ଶିତ କରିଥିଲା । ଏଠାରେ ଚାଷୀ ଓ ବୈଜ୍ଞାନିକଙ୍କ ମଧ୍ୟରେ ଏକ ଆଲୋଚନା ଚକ୍ର ମଧ୍ୟ ରଖାଯାଇଥିଲା । ଆମ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବରଗଡ଼ ଜିଲ୍ଲାର ୨୪ ଜଣ ଅଗ୍ରଣୀ ଚାଷୀ ଅଂଶଗ୍ରହଣ କରିଥିଲେ ।

KVK Bargarh I DHANUSHREE April-September-2016

## ଧାନ ଫସଲରେ ତୃଣ ନିୟନ୍ତ୍ରଣ ପାଇଁ କ୍ଷେତ୍ର ପରୀକ୍ଷା



ଧାନ ଓଡ଼ିଶାର ମୁଖ୍ୟ ଫସଲ । ମାତ୍ର ବିଭିନ୍ନ ପ୍ରକାର ସମସ୍ୟା ଯୋଗୁଁ ଚାଷୀ ଭାଇମାନେ ଏହି ଫସଲରୁ ଆଶାତୀତ ଅମଳ ପାଇ ପାରନ୍ତି ନାହିଁ । ଧାନରେ ଦୁବ, ସୁଆଁ, କଙ୍କଡ଼ା, ବାରଗୋଡ଼ିଆ, ମୁଥା, କଣ୍ଟାତୁଳସୀ, ଚାକୁଣ୍ଡା ଆଦି ଘାସ ଦେଖାଯାଏ । ଖରିଫ ଋତୁରେ ଧାନ ରେ ଘାସ ନିୟନ୍ତ୍ରଣ ପାଇଁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ବରଗଡ଼ ଜିଲ୍ଲାରେ ଏକ ସଫଳ କ୍ଷେତ୍ର ପରୀକ୍ଷଣ କରାଯାଇଥିଲା । ସାଧାରଣତଃ ଚାଷୀମାନେ ଘାସ ନିୟନ୍ତ୍ରଣ ପାଇଁ Pendimethalin @ 750g ai/ha ପ୍ରୟୋଗ କରୁଥିବା ସ୍ଥଳେ କେନ୍ଦ୍ର ତରଫରୁ ପ୍ରଥମ ପରୀକ୍ଷଣରେ ରୋଇବାର ୩ ଦିନ ମଧ୍ୟରେ Pyrazosulfuron ethyl 10% wp (Saathi) 200 gm/ha ଓ ଦ୍ୱିତୀୟ ପରୀକ୍ଷଣ ରେ ରୋଇବାର ୩ ଦିନ ମଧ୍ୟରେ Pendimethalin 750 gm ai/ha. + ରୋଇବାର ୨୫ ଦିନ ମଧ୍ୟରେ Bispyribac sodium 10% SC 25gm ai/ha. ପ୍ରୟୋଗ କରାଯାଇ ଥିଲା । ତିନୋଟି ପ୍ରୟୋଗ ମଧ୍ୟରୁ ଅନ୍ୟ ଦୁଇଟି ପ୍ରୟୋଗ ତୁଳନାରେ ତୃତୀୟ ପ୍ରୟୋଗ ଭଲ ପରିଣାମ ଦେଇଥିଲା । ଏଥିରୁ ଦ୍ୱିତୀୟ ପରୀକ୍ଷଣରେ ସର୍ବାଧିକ ୭୪% ତୃଣ ନିୟନ୍ତ୍ରଣ ହୋଇପାରିଥିଲା । Pendimethalin ଓ Bispyribac Sodium ତୃଣ ନାଶକ ପ୍ରୟୋଗ ଯୋଗୁଁ ଧାନ ଅମଳ ୭.୭% ଅଧିକ ହୋଇପାରିଥିଲା ।

## ଚିନାବାଦାମ ଫସଲରେ ତୃଣନାଶକ Oxyflurofen 23.5 %EC ପ୍ରୟୋଗ



ଚିନାବାଦାମ ଚାଷ ଏକ ଅର୍ଥକାରୀ ତୈଳବୀଜ ଫସଲ । ଚିନାବାଦାମରେ ସାଧାରଣତଃ ୪୮ – ୫୦% ତେଲ ଓ ୨୬-୨୮% ପୁଷ୍ଟିସାର ଏବଂ ଏହା ଛଡ଼ା ଏଥିରେ ପ୍ରଚୁର ପରିମାଣର ଖାଦ୍ୟଯୋଗ୍ୟ ତନ୍ତୁ, ଖଣିଜ ଲବଣ ଏବଂ ଭିଟାମିନ୍ ମହଜୁଦ୍ ଥାଏ । ଚିନାବାଦାମ କିଆରିରେ ସାଧାରଣତଃ ଦୁବ, ସୁଆଁ, ମୁଥା, ପୋକଶୁଙ୍ଘା ଇତ୍ୟାଦି ନାନା ପ୍ରକାରର ଘାସ ଓ ଅନାବନା ଗଛ ଉଠିଥାଏ । ଘାସଲଟା ହେଲେ ଓହଳ ମାଟି ଭିତରକୁ ନ ଯାଇ ବାହାରେ ରହିଯାଏ ଓ ଅମଳ କମିଯାଏ । କମ୍ ଖର୍ଚ୍ଚରେ ସୁବିଧାରେ ଅନାବନା ଘାସ ନିୟନ୍ତ୍ରଣ କରିବା ପାଇଁ ରାସାୟନିକ ଔଷଧ ବ୍ୟବହାର କରାଯାଇପାରେ । ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଚିନାବାଦାମରେ ତୃଣ ନିୟନ୍ତ୍ରଣ ପାଇଁ ଏକ କ୍ଷେତ୍ର ପ୍ରଦର୍ଶନୀ କରାଯାଇଥିଲା । ଏହି କ୍ଷେତ୍ର ପ୍ରଦର୍ଶନୀରେ ଭଟଲି ଓ ଝାରବନ୍ଧ ବ୍ଲକ୍‌ର ୧୩ ଜଣ ଚାଷୀଙ୍କ ଜମିରେ Oxyflurofen 23.5 % EC ର ପ୍ରୟୋଗ କରାଯାଇଥିଲା ଏହାଦ୍ୱାରା ଚିନାବାଦାମରେ ସଫଳ ଭାବେ ତୃଣ ନିୟନ୍ତ୍ରଣ ହୋଇ ଅମଳ ୮.୫% ଅଧିକ ହୋଇଥିଲା । ଏହି ପ୍ରଦର୍ଶନୀ ଗ୍ରାମର ଅନ୍ୟ ଚାଷୀମାନଙ୍କୁ ବେଶ୍ ପ୍ରଭାବିତ କରିଥିଲା ।

## ଧାନ କିସମରେ CR-Borodhan 2 (ଚନ୍ଦନ) ର କ୍ଷେତ୍ର ଦିବସ ପାଳନ



ବରଗଡ ଜିଲ୍ଲାର ଧାନ ମୁଖ୍ୟ ଫସଲ ହୋଇଥିବାରୁ ଖରିଫ ଋତୁରେ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ଉନ୍ନତ ଧାନ କିସମ CR-Borodhan - 2 (ଚନ୍ଦନ) ର ଅଗ୍ରଣୀ କ୍ଷେତ୍ର ପ୍ରଦର୍ଶନ କରାଯାଇଥିଲା । ଏଥି ନିମନ୍ତେ CR-Borodhan - 2 (ଚନ୍ଦନ) କିସମର ଧାନ ଭଟଲି ବ୍ଲକ୍‌ର ଖରମୁଣ୍ଡା, ଶରଧାପାଲି, ନଳିଚୁଆଁ ଗ୍ରାମରେ ୧୩ ଜଣ ଚାଷୀଙ୍କୁ ଯୋଗାଇ ଦିଆଯାଇଥିଲା । ଏହି କିସମ ମୁଖ୍ୟତଃ ରୋଗ ଏବଂ କୀଟ ପ୍ରତିରୋଧକ ଶକ୍ତିସମ୍ପନ୍ନ ହେତୁ ଉତ୍କୃଷ୍ଟ ଅମଳ ପ୍ରଦାନ କରିଥିଲା । ଯାହାର ଶସ୍ୟ ଅମଳରୁ ହେକ୍ଟର କୁ ହାରାହାରି ୪୪.୦୧ କ୍ୱିଣ୍ଟାଲ ଧାନ ମିଳିପାରିଥିଲା । ଏହାର ପ୍ରସାର ନିମନ୍ତେ ଭଟଲି ବ୍ଲକ୍ ଅନ୍ତର୍ଗତ ଖରମୁଣ୍ଡା ଗ୍ରାମରେ ଧାନ ଫସଲରେ ଏକ କ୍ଷେତ୍ର ଦିବସ ପାଳନ କରାଯାଇଥିଲା । ଏହି କ୍ଷେତ୍ର ଦିବସରେ ଖରମୁଣ୍ଡା ଗ୍ରାମରେ ଚାଷ କରାଯାଇଥିବା CR-Borodhan ଧାନ କିସମକୁ ଆଖପାଖରେ ୬୫ଜଣ ଚାଷୀ ଓ ବିଭିନ୍ନ ବିଭାଗର କର୍ମଚାରୀଙ୍କୁ ପ୍ରଦର୍ଶିତ କରାଯାଇଥିଲା ।



## ଜମି ପ୍ରସ୍ତୁତି ପାଇଁ ଟ୍ରାକ୍ଟର ଚାଳିତ ରୋଟାଭେଟର ର ଆଗୁଆ ଧାଡ଼ି କ୍ଷେତ୍ର ପ୍ରଦର୍ଶନ



ସାଧାରଣତଃ ଋଷୀ ଭାଇମାନେ କଲ୍‌ଟିଭେଟର ଦ୍ୱାରା ଜମି ହଳ କରି ଫସଲ କରିଥାନ୍ତି । ଯାହାଦ୍ୱାରା ଅଧିକ ଖର୍ଚ୍ଚ ହେବା ସହିତ ଜମି ଠିକ୍ ଭାବରେ ଫସଲ ପାଇଁ ପ୍ରସ୍ତୁତ ହୋଇପାରି ନଥାଏ । ଏହି ଅସୁବିଧାକୁ ଦୂର କରିବା ପାଇଁ ରୋଟାଭେଟର ର ବ୍ୟବହାର କରାଯାଇପାରେ । ସାଧାରଣତଃ ଋଷୀଭାଇମାନେ କାଦୁଅ ହଳ କରିବାପାଇଁ କେଜ୍ ହ୍ୱିଲ ର ବ୍ୟବହାର କରିଥାନ୍ତି । ଯାହାଦ୍ୱାରା ଜମିର ନିମ୍ନ ଭାବରେ ଏକ କଠିନ ଆବରଣ ତିଆରି ହୋଇଥାଏ । ଏହାଦ୍ୱାରା ଜଳ ଓ ସାରର ସଦୁପଯୋଗ ହୋଇପାରେ ନାହିଁ ଏବଂ ଜମି ର ଉର୍ବରତା ଧିରେ ଧିରେ କମିଯାଏ । ଏହି ଅସୁବିଧା ମଧ୍ୟ ରୋଟାଭେଟରର ବ୍ୟବହାର ଦ୍ୱାରା ଦୂର କରାଯାଇପାରେ । ଏହାର ଅଧିକ ପ୍ରଋର ପାଇଁ ଟୁକୁର୍ଲା ଓ ତେଜାଗୋଲା, ଭଟଲି ବ୍ଲକ୍ ରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା ପ୍ରଦର୍ଶନ କରାଯାଇଥିଲା । ରୋଟାଭେଟର ଦ୍ୱାରା ଜମି ଋଷ କଲେ ୩୨-୩୫% ଶକ୍ତି ଓ ସମୟ କମ୍ ଉପଯୋଗ ହୁଏ ତଥା ଘାସ ଦମନ କରିହୁଏ । ଏହା ଦେଖି ଅନ୍ୟ ଋଷୀ ମଧ୍ୟ ଏହି ଯନ୍ତ୍ର କିଣିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏଥିପାଇଁ ରୋଟାଭେଟର ବିକ୍ରୟ ମୂଲ୍ୟ ଉପରେ ସରକାରଙ୍କ ତରଫରୁ ୭୫% ରିହାତିର ବ୍ୟବସ୍ଥା ରହିଛି ।

## ମୁଢ଼ି ନିମନ୍ତେ ଉପଯୁକ୍ତ ଧାନ କିସମର ଚୟନ



ଓଡ଼ିଶାରେ ବରଗଡ଼ ଜିଲ୍ଲା ଧାନ ଉତ୍ପାଦନରେ ଏକ ଅଗ୍ରଣୀ ସ୍ଥାନ ହାସଲ କରିପାରିଛି । ଏତଦ୍ ବ୍ୟତୀତ ସାଧାରଣତଃ ପଶ୍ଚିମ ଓଡ଼ିଶାରେ ସବୁବର୍ଗର ଲୋକମାନଙ୍କର ସକାଳେ ଓ ସନ୍ଧ୍ୟା ସମୟରେ ମୁଢ଼ି ଏକ ପ୍ରିୟ ଜଳଖିଆ ହୋଇଥିବାରୁ କୃଷି ବିଜ୍ଞାନ କେନ୍ଦ୍ର ତରଫରୁ କୃଷିଜୀବି ମହିଳାମାନଙ୍କୁ ଧାନରୁ ମୁଢ଼ି କରି ଅଧିକ ଦୁଇ ପଇସା ଉପାର୍ଜନ କରିବା ପାଇଁ ଏକ କ୍ଷେତ୍ର ପରୀକ୍ଷଣ କାର୍ଯ୍ୟକ୍ରମର ଆୟୋଜନ କରାଯାଇଥିଲା । ଏଥିରେ ମୁଢ଼ି ପାଇଁ ଉପଯୁକ୍ତ ୩ଟି ଧାନ କିସମ, ଲଲାଟ, MTU - ୧୦୧୦ ଓ ପ୍ରତୀକ୍ଷା କିସମ ଚୟନ କରାଯାଇଥିଲା । ଏହାକୁ ଭଟଲି ବ୍ଲକ୍ ଅନ୍ତର୍ଗତ ପୋଷ୍ୟ ଗ୍ରାମ ଶରଧାପାଲ୍ଲୀ ଏବଂ ସାଂସଦ ଆଦର୍ଶ ଗ୍ରାମ ନଳିଚୁଆଁର ୧୩ଜଣ ମହିଳାମାନଙ୍କୁ ଉପରୋକ୍ତ ୩ କିସମର ଧାନ ଯୋଗାଇ ଦିଆଯାଇଥିଲା । ସେଥିରୁ ମୁଢ଼ି ଚାଉଳ ପ୍ରସ୍ତୁତ କରାଯାଇଥିଲା । ଏହି ୩ କିସମରୁ ପ୍ରତୀକ୍ଷା ଧାନର ମୁଢ଼ି ପ୍ରାୟ ଚାଉଳରୁ ୭.୮ଗୁଣ ଅଧିକ ଫୁଟିଥିବା ବେଳେ MTU - ୧୦୧୦ ଧାନ ପ୍ରାୟ ୬.୪ଗୁଣ ଓ ଲଲାଟ ଧାନର ମୁଢ଼ି ପ୍ରାୟ ୬ ଗୁଣ ଅଧିକ ଫୁଟିଥିଲା । ସ୍ୱାଦ ରଙ୍ଗ ଅନୁଯାୟୀ ମହିଳାମାନେ ଯଥାକ୍ରମେ ପ୍ରତୀକ୍ଷା, MTU - 1010 ଓ ଲଲାଟକୁ ପସନ୍ଦ କରିଥିଲେ । ଏହାକୁ ଦେଖି ଆଖପାଖ ଗ୍ରାମର ମହିଳାମାନେ ପ୍ରତୀକ୍ଷା ଧାନରୁ ମୁଢ଼ି କରି ବିକ୍ରି କରିବା ପାଇଁ ମନ ବଳାଇଛନ୍ତି ।

## ନୂଆ ହଳଦୀ କିସମ "ସୁରୋମା"



ଆମ ଜିଲ୍ଲାରେ ପାଖାପାଖି ୨୪୦ ହେକ୍ଟର ଜମିରେ ହଳଦୀ ଚାଷ ହୋଇଥାଏ । ଏହା ମୁଖ୍ୟତଃ ଘରବାଡ଼ିରେ ହିଁ ସୀମିତ । କିନ୍ତୁ ଭଟଲି, ଆମ୍ଭାଭୋନା, ପାଇକମାଲ୍, ଝାରବନ୍ଧ ଆଦି ବ୍ଲକ୍‌ରେ ଏହା ବ୍ୟବସାୟିକ ଭିତ୍ତିରେ ଚାଷ କରାଯାଇପାରିବ । ପୁରୁଣା ବଗିଚାମାନଙ୍କରେ ଛାଇରେ ମଧ୍ୟ, ଏହାକୁ ଚାଷ କରାଯାଇପାରିବ । ବର୍ତ୍ତମାନ ଘରବାଡ଼ିରେ ଯେଉଁ ହଳଦୀ ଚାଷ କରାଯାଉଛି ତାହା ଦେଶୀ କିସମ ଏବଂ ଅମଳ ମଧ୍ୟ ଖୁବ୍ କମ । ତେଣୁ ଏକ ନୂଆ ହଳଦୀ କିସମ "ସୁରୋମା"କୁ ଚାଷୀମାନଙ୍କ ଜମିରେ ପରୀକ୍ଷଣ କରାଯାଇଛି ।